ନିତିଦିନ NITIDIN

ଟ୍ରକ୍ ଧକ୍କାରେ ଜଣେ ମୃତ

ବିଶୋଇ,୧୫।୯/ଏନ୍ଏନ୍ଏସ୍: ମୁମ୍ବାଇ-କୋଲକାତା ୪୯ନଂ ଜାତୀୟ ରାଜପଥର ବିଶୋଇ ବ୍ଲକର ଖଡମବେଡା ପଞ୍ଚାୟତ ଡାକ୍‌ଛୁଟି ସନ୍ନିକଟରେ ଆଜି ଅପରାହ୍ନରେ ଜଣେ ସାଇକେଲ ଆରୋହୀଙ୍କୁ ଏକ ଟ୍ରକ୍(କଣ୍ଟେନର୍) ଧକ୍କାଦେବା ଫଳରେ ତାଙ୍କର ମୃତ୍ୟୁ ଘଟିଛି। ଖବରରୁ ପ୍ରକାଶ ଯେ, ବାଡୁଣିଆ ଗ୍ରାମର ସନାତନ ମାଝୀ(୪୫) ମଙ୍ଗଳବାର ଖଡମବେଡା ପଞ୍ଚାୟତରୁ ଭତ୍ତା ଟଙ୍କା ଆଣି ସାଇକେଲରେ ଘରକୁ ଫେରୁଥିବା ବେଳେ ଦ୍ରୁତଗତିରେ ଯଶିପୁର ଅଭିମୁଖେ ଯାଉଥିବା ଏନ୍ଏଲ୍ ୦୧ ଏଇ ୦୨୩୮ କଣ୍ଟେନର୍‌ଟି ପଛପଟୁ ଧକ୍କା ଦେଇଥିଲା। ଫଳରେ ସାଇକେଲ ଆରୋହୀ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଯୋଗେ ବିଶୋଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଉଚ୍ଛେଦ ପୂର୍ବରୁ ଥଇଥାନ ଦାବି

ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ବସ୍ତିବାସିନ୍ଦାଙ୍କ ଧାରଣା

ବାରିପଦା,୧୫।୯/ଏନ୍ଏନ୍ଏସ୍: ବାରିପଦା ପୌରପରିଷଦର ଉପୁରସ୍ଥିତ ରେଳବାଇ ଜମି ଉପରେ ପ୍ରାୟ ୪୦/୪୫ବର୍ଷ ଧରି ୪୦ରୁ ଅଧିକ ପରିବାର ଏକ ବସ୍ତି ଭାବେ ବସବାସ କରିଆସୁଥିଲେ। ସରକାରଙ୍କ ଭୂମିହୀନ ବସ୍ତିବାସିନ୍ଦା ଯୋଜନାରେ ଏହି ବସ୍ତିରେ ବସବାସ କରୁଥିବା ପରିବାରଙ୍କୁ ସାମିଲ କରାଯାଇଥିବା ନେଇ ସେମାନଙ୍କ ଘର କାନ୍ଥରେ ଏକ ଷ୍ଟିକର ଲଗାଯାଇଥିବା ବେଳେ ସେମାନଙ୍କୁ ଅଦ୍ୟାବଧି ଘର ଅଥବା ଜମି ପଟ୍ଟା ମିଳିପାରି ନାହିଁ। ଏହି ସମୟରେ ରେଳବାଇ ପକ୍ଷରୁ ସେମାନଙ୍କୁ ଜମି ଖାଲି କରାଇବାକୁ ନୋଟିସ ଜାରି କରାଯାଇଛି। ଫଳରେ ବସ୍ତିବାସିନ୍ଦାମାନେ ରେଳବାଇ ଜମିରେ ରହୁଥିବା ଘରକୁ ଛାଡ଼ି ଏକ ୨ଏକରରୁ ଅଧିକ ପତିତ ସରକାରୀ ଜମିର ନାଳ, ଖାଲକୁ ଭର୍ତ୍ତି କରି, ନଟାବୁଦା ସଫା କରି ସେଠାକୁ ବସ୍ତିକୁ ଉଠାଇ ନେଇଥିଲେ। ମାତ୍ର କେତେକ ଜମି ମାଫିଆ ଉକ୍ତ ସରକାରୀ ଜମିକୁ ନିଜର ଟିକଟ ଭୁକ୍ତ ଜମି ବୋଲି କହି ସେମାନଙ୍କୁ ବିଭିନ୍ନ ପ୍ରକାରର ହଇରାଣ ହରକତ କରାଇବା ସହ ଥାନାରେ ଅଭିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ପ୍ରଭାବଶାଳୀ ଜମି ମାଫିଆମାନଙ୍କ ପ୍ରରୋଚନାରେ ସ୍ୱତନ୍ତ୍ର ମାଜିଷ୍ଟ୍ରେଟ କ୍ଷମତାପ୍ରାପ୍ତ ବାରିପଦା ତହସିଲଦାର ରାମଚନ୍ଦ୍ର ସୋରେନ ଉକ୍ତ ଅଞ୍ଚଳରେ ୧୪୪ ଧାରା ଜାରି କରିବା ସହ ନାଲି ପତାକା ମାରିଥିବାର ବସ୍ତିବାସିନ୍ଦାମାନେ ପ୍ରକାଶ କରିଛନ୍ତି। ବସ୍ତିବାସିନ୍ଦା ଏହାର ପ୍ରତିବାଦ ଜଣାଇବାରୁ ଆମେ କିଛି କହିପାରିବୁ ନାହିଁ ଜିଲ୍ଲାପାଳଙ୍କୁ ସାକ୍ଷାତ କର ସେ ଯାହା ନିଷ୍ପତ୍ତି ନେବେ ବୋଲି କହି ୧୪୪ ଧାରା ଜାରି କରାଇଥିଲେ ବୋଲି ବସ୍ତିବାସିନ୍ଦା ଗୀତାରାଣୀ ବେହେରା କହିଛନ୍ତି। ଏଥି ସହିତ ବର୍ତ୍ତମାନ କରୋନା କଟକଣା ସେମାନଙ୍କ ମେରୁଦଣ୍ଡକୁ ଭାଙ୍ଗିଦେଇଛି। ଏହି ସମୟରେ ସେମାନଙ୍କୁ ବେଘର କଲେ ସେମାନେ ରହିବେ କେଉଁଠି ବୋଲି ପ୍ରଶ୍ନ କରିଛନ୍ତି। ସେହିପରି ସରକାର ଭୂମିହୀନ ବସ୍ତିବାସିନ୍ଦା ନିମନ୍ତେ ଯୋଜନା କାର୍ଯ୍ୟକାରୀ କରାଇଥିଲେ ମଧ୍ୟ ପ୍ରଶାସନ ତାହା କାର୍ଯ୍ୟକାରୀ କରୁନାହାନ୍ତି। ତେଣୁ ପ୍ରଥମେ ଥଇଥାନ, ପରେ ଉଚ୍ଛେଦ ଦାବିରେ ଆଜି ଶତାଧିକ ବସ୍ତିବାସିନ୍ଦାମାନେ ହାତରେ ପ୍ଲା କାର୍ଡ଼ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଧାରଣାରେ ବିଜୟଲକ୍ଷ୍ମୀ ନାୟକ, ସୁଜୟଲକ୍ଷ୍ମୀ ନାୟକ, ମୁକୁନ୍ଦ ଜେନା, ସ୍ନେହଲତା ପାତ୍ର, କ୍ରିଷ୍ଣା ବେହେରା, ସୁକାନ୍ତ ବେହେରା, ସୁକାନ୍ତି ବେହେରା, ଆନନ୍ଦ ବିଷ୍ଣାଣି, ସୁଭଦ୍ରା ସୋରେନ, କରମରାଜ ସୋରେନ, ନବୀନ ବେହେରା, ଗୀତାଞ୍ଜଳି ବେହେରା, ରଞ୍ଜିତ ନାୟକ, ଭାନୁମତୀ ନାଥ, ମମତା ଦଣ୍ଡପାଟ, ଦୈତାରୀ ପୃଷ୍ଟି, ବାବୁଲୀ ବେହେରା, ପ୍ରଭାବତୀ ସାହୁ, ବିଜୁଳି ବେହେରା ପ୍ରମୁଖ ସାମିଲ ହୋଇଥିଲେ।

ସୋରରେ ଥଣ୍ଡାଜ୍ୱର ଆତଙ୍କ, ବଢ଼ିଚାଲିଛି ମୃତ୍ୟୁସଂଖ୍ୟା

ସୋର,୧୫।୯/ଏନ୍ଏନ୍ଏସ୍: ସୋରରେ ଦିନକୁ ଦିନ ଜ୍ୱର ଆକ୍ରାନ୍ତଙ୍କ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। କରୋନା ଲକ୍ଷଣ ଦେଖାଯାଉ ନଥିବାରୁ ପୀଡ଼ିତମାନେ ଥଣ୍ଡା ଜ୍ୱର ପାଇଁ ଔଷଧ ଖାଇ ଚିକିତ୍ସା ହେଉଥିଲେ ମଧ୍ୟ ସଚେତନତା ଅଭାବରୁ କରୋନା ପରୀକ୍ଷା ନକରି ଘରେ ରହି ମୃତ୍ୟୁମୁଖରେ ପଡୁଛନ୍ତି। କ୍ରମାଗତ ଭାବରେ ୪ଦିନରେ ପାଖାପାଖି ୧୦ଜଣ ମୃତ୍ୟୁମୁଖରେ ପଡ଼ିଲେଣି। ଯାହାକି ଏହି ଥଣ୍ଡାଜ୍ୱର ପାଇଁ ମୃତ୍ୟୁହେଉଥିବା ଘଟଣା ଲୋକଙ୍କ ମଧ୍ୟରେ ଏକ ପ୍ରକାର ଆତଙ୍କ ଖେଳାଇଦେଇଛି। ପ୍ରଶାସନ ପକ୍ଷରୁ ଲୋକଙ୍କ ମଧ୍ୟରେ ସଚେତନତା କରାଯିବାର ପ୍ରୟାସ କମିଯାଉଥିଲା ବେଳେ ଅଧିକ ପରିମାଣରେ ପରୀକ୍ଷା କରାଯାଉ ନଥିବାରୁ ଲୋକେ ଜ୍ୱର ଭାବି ଦୋକାନରୁ ଔଷଧ ଖାଇ ଶେଷରେ ମୃତ୍ୟୁ ମୁଖକୁ ଠେଲି ହୋଇଯାଉଛନ୍ତି। ସୋମବାର ସକାଳୁ ସୋର ବ୍ଲକ ଅନ୍ତର୍ଗତ ଟେଣ୍ଟେଇ ପଞ୍ଚାୟତର ସମାଜସେବୀ ଶରତ ପାଣିଗ୍ରାହୀ(୬୫)ଙ୍କ ମୃତ୍ୟୁ ହୋଇଛି। ସେ କିଛିଦିନ ଧରି ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ଏଥିପାଇଁ ମଧ୍ୟ ଔଷଧ ଖାଉଥିଲେ। କିନ୍ତୁ ତାଙ୍କର ମୃତ୍ୟୁହେବା ଘଟଣା ସୋର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ଏହା ଯେ କରୋନାଜନିତ ମୃତ୍ୟୁ ହୋଇଥାଇପାରେ ତାହା ମଧ୍ୟ ସନ୍ଦିହାନ ହୋଇ ରହିଛି। ସେହିପରି ରବିବାର ଦିନ ସକାଳୁ ମଧ୍ୟ ଜ୍ୱରରେ ଆକ୍ରାନ୍ତ ହୋଇଥିବା ମ୍ୟୁନିସିପାଲିଟି ପରିସରସ୍ଥ କମରପୁର ଗ୍ରାମର ମହେଶ୍ୱର ପାତ୍ର (୭୨)ଙ୍କ ମୃତ୍ୟୁ ମଧ୍ୟ ପ୍ରଶ୍ନବାଚୀ ହୋଇ ରହିଯାଇଛି। କିଛିଦିନ ଧରି ମହେଶ୍ୱର ପାତ୍ର ମଧ୍ୟ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ତେବେ ମ୍ୟୁନିସିପାଲିଟି ଅନ୍ତର୍ଗତ କମାଣପୁର ଗ୍ରାମର ଧରଣୀ ପାଢ଼ୀ(୪୮) ଓ କମରପୁର ଗ୍ରାମର ପତିତପାବନ ବାରିକଙ୍କର ଗତ ୧୧ ଓ ୧୦ତାରିଖରେ ମୃତ୍ୟୁ ହେବା ଘଟଣା କରୋନାଜନିତ ହୋଇଥିବା ସନ୍ଦେହ କରାଯାଉଛି। ସେହିପରି ବିଭିନ୍ନ ଗାଁରେ କିଛି ବୃଦ୍ଧ ଓ ବୃଦ୍ଧା ମଧ୍ୟ ଜ୍ୱରରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିବା ନଜରକୁ ଆସୁଛି। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ନଦେଲେ କରୋନାରେ ଗୋଷ୍ଠୀ ସଂକ୍ରମଣ ବ୍ୟାପିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ।

ବୃଦ୍ଧଙ୍କ ଆତ୍ମହତ୍ୟା

ଧୁଷୁରୀ,୧୫।୯/ଏନ୍ଏନ୍ଏସ୍: ଧାମନଗର ବ୍ଲକସ୍ଥିତ କୋଠାର ଛକରେ ରହୁଥିବା ସନାତନ ମଲିକ(୫୧) ନାମକ ଜନୈକ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ସ୍ଥାନୀୟ ମଲିକସାହିର ସନାତନ କୋଠାର ଛକରେ ରହି ବିଭିନ୍ନ ଦୋକାନୀଙ୍କର କାମଦାମ କରିଥାନ୍ତି। ତାଙ୍କର ସ୍ତ୍ରୀ କିଛି ବର୍ଷ ତଳେ ମୃତ୍ୟୁବରଣ କରିଥିବାବେଳେ ସେ ଅଧିକାଂଶ ସମୟ ଛକରେ ରୁହନ୍ତି। ଗତକାଲି ରାତିରେ ସନାତନ କୋଠାର ମେଡ଼ିକାଲ ସମ୍ମୁଖ ଭଦ୍ରକ-ଆରଡି ରାସ୍ତାକଡ଼ରେ ଥିବା ଏକ ଗଛରେ ନିଜ ଗାମୁଛା ଦ୍ୱାରା ଆତ୍ମହତ୍ୟା କରିଥିଲେ। ସୋମବାର ସକାଳେ ସନାଙ୍କ ଝୁଲନ୍ତା ମୃତଦେହ ଲୋକେ ଦେଖିବା ପରେ ଧୁଷୁରୀ ପୁଲିସକୁ ଖବର ଦେଇଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଅପମୃତ୍ୟୁ ମାମଲା ରୁଜୁ କରିଛି।

ବାଇକ୍ ଚୋରି ର୍‍ୟାକେଟ୍‌ର ୧ ଗିରଫ

ଯୋଡ଼ା,୧୫।୯/ଏନ୍ଏନ୍ଏସ୍: ଯୋଡ଼ା ସହରରେ ମୋଟରସାଇକେଲ ଚୋରି ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ପୁଲିସ ଏହି ଚୋରିର ଏକ ବଡ଼ର୍‍ୟାକେଟ୍‌କୁ ଧରିବାରେ ସଫଳ ହୋଇଛି। ଯୋଡ଼ା ୩ନଂ ୱାର୍ଡର କୁନ୍ଦୁରୁନାଳାରେ ରହୁଥିବା ବାବୁଲି ମୁଣ୍ଡା ଆଲିଆସ(୨୨) ନାମକ ପେଶାଦାର ମୋଟରସାଇକେଲ ଚୋର ଗିରଫହୋଇଛି। ତା'ନିକଟରୁ ନମ୍ବରବିହୀନ ବାଜାଜ ଡିସ୍‌କଭର୍ ମୋଟରସାଇକେଲ ଜବତ ହୋଇଥିବା ବେଳେ ଅନ୍ୟ ଏକ ଜେଏଚ୍ ୦୭ ବି ୧୬୬୪ ହିରୋହୋଣ୍ଡା ସ୍ପ୍ଲେଣ୍ଡର୍ ଜବତ କରାଯାଇଛି। ର୍‍ୟାକେଟ୍‌ରେ ଅନେକ ପେଶାଦାର ଅପରାଧୀ ଥିବା ଜଣାପଡିଛି।

ପୋଖରୀରୁ ଗଳିତ ଶବ ଉଦ୍ଧାର

ବାରିପଦା,୧୫।୯/ଏନ୍ଏନ୍ଏସ୍: ବାରିପଦା ପୌରପରିଷଦର କେନ୍ଦ୍ରସ୍ଥଳ ଗାନ୍ଧୀପାର୍କ ନିକଟ ବଡ଼ପୋଖରୀ ଭିତରେ ଆଜି ଏକ ଶବ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ବାରିପଦା ଟାଉନ ଥାନାକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ଶବ ଉଦ୍ଧାର କରିଥିଲା। ମାତ୍ର ଶବଟି ପାଣି ଭିତରେ ପ୍ରାୟ ୧୦ଦିନରୁ ଅଧିକ ସମୟ ରହିଥିବାରୁ ପଚିସଢ଼ି ଯାଇ ଦୁର୍ଗନ୍ଧ ବାହାରୁଥିଲା। ଶବ ଚିହ୍ନଟ କରିବା ଅବସ୍ଥାରେ ନଥିବାରୁ ମହିଳା ଅଥବା ପୁରୁଷ ସେ ସମ୍ପର୍କରେ ଜଣାପଡ଼ି ନଥିଲା। ପିନ୍ଧିଥିବା ଫୁଲପ୍ୟାଣ୍ଟରୁ ପୁରୁଷ ବୋଲି ସନ୍ଦେହ କରାଯାଉଛି। ବାରିପଦା ଥାନା ଅଧିକାରୀ ବୀରେନ୍ଦ୍ର ସେନାପତିଙ୍କ ସୂଚନାନୁସାରେ ଶବକୁ ବ୍ୟବଚ୍ଛେଦ ନିମନ୍ତେ ବାରିପଦା ପିଆରଏମ୍ ମେଡିକାଲକୁ ପଠାଯାଇଛି।

ବନ୍ତରେ ସିପିଆଇର ବିକ୍ଷୋଭ ଓ ପ୍ରତିବାଦ

ବନ୍ତ,୧୫।୯/ଏନ୍ଏନ୍ଏସ୍: ଆଜି ସିପିଆଇ(ଏମ୍) ବନ୍ତ ଆଞ୍ଚଳିକ କମିଟି ପକ୍ଷରୁ ବନ୍ତସ୍ଥିତ କେନ୍ଦୁଆପଦା ଛକ ଓ ଆଗରପଡାସ୍ଥିତ କୁପାରୀ ଛକଠାରେ ବିକ୍ଷୋଭ ଓ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଅନୁଷ୍ଠିତ ହୋଇଯାଇଛି। ସମର୍ଥକମାନେ ବ୍ୟାନର ଧରି କେନ୍ଦ୍ର ବିରୋଧୀ ସ୍ଲୋଗାନ ଦେଇ ପ୍ରତିବାଦ କରିଥିଲେ। ସୀତାରାମ ୟେଚୁରୀ ଓ ଶିକ୍ଷାବିତ୍‌ମାନଙ୍କ ଉପରେ ମିଥ୍ୟା ମୋକଦ୍ଦମା କରିବା, ଗଣତନ୍ତ୍ରର କଣ୍ଠରୋଧ କରିବା, ବିଜେପି ନେତା, ମନ୍ତ୍ରୀ, ବିଧାୟକମାନଙ୍କୁ ଗିରଫ କରିବା, କୋଭିଡ୍-୧୯ ମହାମାରୀ ନାମରେ ଦେଶସାରା ଲକ୍‌ଡାଉନ୍, ସଟ୍‌ଡାଉନ୍ କରି ଜୀବନଜୀବିକାକୁ ବୁଡାଇଦେବା, ଅହେତୁକ ଟିକସ ଭାର ଗରିବଙ୍କ ମୁଣ୍ଡରେ ଲଦି ଦେବା, ମହାମାରୀର ଫାଇଦା ଉଠେଇ ଶ୍ରମିକ ଜାତିଠାରୁ ଆରମ୍ଭକରି ସବୁ ସାଧାରଣବର୍ଗଙ୍କୁ ଶୋଷଣ କରିବା, ଦେଶର ପ୍ରଚଳିତ ଶିକ୍ଷାନୀତିକୁ ବଦଳାଇ ଘରୋଇ ସଂସ୍ଥାକୁ ଟେକି ଦେଉଥିବା ବିଜେପି ସରକାରକୁ ସିପିଆଇ(ଏମ୍) ବନ୍ତ ଆଞ୍ଚଳିକ କମିଟି ପକ୍ଷରୁ ତୀବ୍ର ସମାଲୋଚନା କରାଯାଇଥିଲା। ପ୍ରତିବାଦ ସଭାରେ ସିପିଏମ୍ ବନ୍ତ ଲୋକାଲ କମିଟି ସମ୍ପାଦକ ସାଥୀ ରବିନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ଏଥିରେ ଆଇନଜୀବୀ ପ୍ରତାପ ସେଠୀ, ପ୍ରଭାଷ ଚନ୍ଦ୍ର ମହାପାତ୍ର, ସୁରେଶ ଦାସ, ଅଭିଳାସ ମଲ୍ଲିକ, ଶ୍ରୀରାମ ସ୍ୱରୂପ ମହାପାତ୍ର ସାମିଲ ଥିଲେ।

ୟୁରିଆ ସାରର ଅଭାବୀ ବିକ୍ରି

ବାରିକପୁର,୧୫।୯/ଏନ୍ଏନ୍ଏସ୍: ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ବର୍ତ୍ତମାନ ୟୁରିଆ ସାରର ଅଭାବୀ ବିକ୍ରି ଦେଖାଦେଇଛି। ଚଳିତ ଖରିଫ ଧାନଚାଷ ପାଇଁ ପ୍ରଥମ ପର୍ଯ୍ୟାୟରେ ୧୦ଗୋଟି ସମବାୟ ସମିତିକୁ ୟୁରିଆ ସହିତ ଅନ୍ୟାନ୍ୟ ସାର ଆସିଥିବାବେଳେ ବର୍ତ୍ତମାନ ଏହାର ଅଭାବ ଦେଖାଦେଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାଛଡା ବ୍ଲକର ମଞ୍ଜୁରୀରୋଡ, ଆଖୁଆପଦା, ବାରିକପୁର, ସରସଦା, ଭଣ୍ଡାରିପୋଖରୀ ପ୍ରମୁଖ ବଜାରର ସ୍ୱୀକୃତିପ୍ରାପ୍ତ ଦୋକାନ ଗୁଡିକରେ ୟୁରିଆ ସାର ମିଳୁନଥିବା ଜଣାପଡିଛି। ଯାହାକୁ ନେଇ ଚାଷୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ପ୍ରଥମେ ଲଗାଣବର୍ଷା ତା'ପରେ ବନ୍ୟା ଓ ପରେ ବର୍ଷା ଅଭାବ ଜନିତ ସମସ୍ୟାରୁ ଚାଷୀମାନେ ମୁକୁଳି କ୍ଷେତକୁ ବଞ୍ଚାଇବା ପାଇଁ ଆପ୍ରାଣ ଲାଗିପଡ଼ିଥିବା ବେଳେ ବିଭିନ୍ନ ବଜାରରେ ସାରର ଅଭାବୀ ବିକ୍ରୀ ସେମାନଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି। ଏହାଛଡା ଯେଉଁ ବ୍ୟବସାୟୀମାନେ ପ୍ରଥମରୁ ୟୁରିଆ ସାରକୁ ମହଜୁଦ କରି ରଖିଥିଲେ ସେମାନେ ଏବେ ତାହାର ଫାଇଦା ଉଠାଉଛନ୍ତି। ପୂର୍ବ ନିର୍ଦ୍ଧାରିତ ମୂଲ୍ୟଠାରୁ ବହୁ ଅଧିକ ମୂଲ୍ୟରେ ୟୁରିଆ ସାର ବିକ୍ରି କରୁଥିବା କିଛି ଚାଷୀ ଅଭିଯୋଗ କରିଛନ୍ତି। ସମବାୟଗୁଡିକରେ ପର୍ଯ୍ୟାପ୍ତ ପରିମାଣରେ ୟୁରିଆ ଏବେ ଉପଲବ୍ଧ ନାହିଁ। ତେଣୁ ଚାଷୀମାନେ ବାଧ୍ୟ ହୋଇ ମାର୍କେଟ୍‌ରୁ ସାର କିଣି କଳାବଜାରର ଶିକାର ହେଉଛନ୍ତି। ସାରର ଅଭାବୀ ବିକ୍ରି ସମ୍ପର୍କରେ ଯୋଗାଣ ବିଭାଗ ଅଧିକାରୀଙ୍କ ପଚାରିବାରୁ ସେ ଦାୟିତ୍ୱରେ ନଥିବା କହିଥିଲେ। ବାଲେଶ୍ୱର-ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ଜନୈକ ଅଧିକାରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସେ କଲ୍ ଗ୍ରହଣ କରିନଥିଲେ। ବର୍ତ୍ତମାନ ସମୟରେ ୟୁରିଆ ସାରର ଚାହିଦା ବହୁମାତ୍ରାରେ ଥିବାବେଳେ ଚାଷୀମାନେ ଯେଉଁଭଳି ଠକାମିର ଶିକାର ନହୁଅନ୍ତି ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

ଭାରତ ବିକାଶ ମଞ୍ଚ ପକ୍ଷରୁ ବୃକ୍ଷରୋପଣ

ବାରିକପୁର,୧୫।୯/ଏନ୍ଏନ୍ଏସ୍: ଭଣ୍ଡାରିପୋଖରୀ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଲକ୍ଷ୍ମୀସାଗର ଗ୍ରାମଠାରେ ଭାରତ ବିକାଶ ମହାମଞ୍ଚ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରସନ୍ନ ସେନାପତିଙ୍କ ତତ୍ତ୍ୱାବଧାନରେ ଗ୍ରାମ୍ୟ ରାସ୍ତା ସହିତ ବିଦ୍ୟାଳୟ, ଅଙ୍ଗନବାଡି ଗୃହ ଓ ଗ୍ରାମଦେବତୀ ପୀଠର ଆଖପାର୍ଶ୍ୱରେ ଦେବଦାରୁ, ବଉଳ, ଆକାଶି, ନିମ୍ବ ଚାରା ରୋପଣ କରାଯାଇଥିଲା। ସମ୍ପାଦକ ମନୋଜ ସେନାପତି, ସଦସ୍ୟ ବିପିନ ଚନ୍ଦ୍ର ସାମଲ, ଚନ୍ଦନ ସେନାପତି ବୃକ୍ଷରୋପଣ କରିଥିବାବେଳେ ଲୋକନାଥ ସାହୁ, ସୁମନ୍ତ ସେନାପତି, ଜ୍ୟୋତିଶଙ୍କର ସେନାପତି, ସଂଗ୍ରାମ ସେନାପତି ପରିଚାଳନା କରିଥିଲେ।

ନୂତନ ଶିକ୍ଷକ ନିଯୁକ୍ତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଭଦ୍ରକ,୧୫।୯/ଏନ୍ଏନ୍ସି: ଚାନ୍ଦବାଲି ବ୍ଲକ ବାଁଶଡା ଅଞ୍ଚଳରେ ମାଧ୍ୟମିକ ଶିକ୍ଷା ବିପର୍ଯ୍ୟସ୍ତ ହୋଇପଡିଛି। ଏଠାରେ ଥିବା ହାଇସ୍କୁଲରେ ଶିକ୍ଷକ ମରୁଡି ଦେଖାଦେଇଛି। ଏ ସମ୍ପର୍କରେ ବାଂଶଡା ସ୍କୁଲ ପରିଚାଳନା କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ସଚିବ, ଗଣଶିକ୍ଷା ମନ୍ତ୍ରୀ, ଭଦ୍ରକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ଦିଆଯାଇଛି। ସାରା ରାଜ୍ୟରେ ୬୧୦ ସ୍କିମ୍‌ରେ ମୋଟ ୬୧୦ଟି ହାଇସ୍କୁଲ ରହିଛି। ଏହି କ୍ରମରେ ଭଦ୍ରକ ଜିଲ୍ଲାରେ ୩୨ଟି, ଚାନ୍ଦବାଲି ବ୍ଲକରେ ୩ଟି ୬୧୦ ସ୍କିମ୍ର ହାଇସ୍କୁଲରେ ପିଲାମାନେ ଅଧ୍ୟୟନ କରୁଛନ୍ତି। ଗ୍ରାମବାସୀ ଓ ପରିଚାଳନା କମିଟି ଦ୍ୱାରା ସ୍ଥାପିତ ଚାନ୍ଦବାଲି ବ୍ଲକ ଅଧୀନସ୍ଥ ବାଁଶଡ଼ା ହାଇସ୍କୁଲ୍, ଚଡଦିଆ ହାଇସ୍କୁଲ୍, ନାଲଗୁଣ୍ଡା ହାଇସ୍କୁଲ୍‌ର ଅବସ୍ଥା ପୁରା ସଙ୍ଗିନ୍। ଏଥିମଧ୍ୟରୁ ବାଁଶଡା ହାଇସ୍କୁଲ୍ ୧୯୭୬, ଚଡଦିଆ ହାଇସ୍କୁଲ୍ ୧୯୭୪, ନାଲଗୁଣ୍ଡା ହାଇସ୍କୁଲ୍ ୧୯୭୩ ମସିହାରେ ସ୍ଥାପିତ ହୋଇଛି। ଏହା ଭିତରେ ୨୬ବର୍ଷ ବିତିଯାଇଛି ସରକାର ସ୍କୁଲ୍‌ଗୁଡିକୁ ଟେକେନ୍‌ଓଭର କରିନଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଯାହା ଫଳରେ ଏହି ସ୍କୁଲ୍‌ଗୁଡିକରେ ନୂତନ ଶିକ୍ଷକ ନିଯୁକ୍ତି ପାଇପାରୁ ନାହାନ୍ତି। ଚଳିତବର୍ଷ ଏହି ହାଇସ୍କୁଲରେ ୮ମ ଶ୍ରେଣୀରେ ୬୩, ୯ମ ଶ୍ରେଣୀରେ ୭୫, ୧୦ମ ଶ୍ରଣୀରେ ୯୩ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ୩ଟି ଶ୍ରେଣୀର ମୋଟ ୨୩୧ ଛାତ୍ରଛାତ୍ରୀଙ୍କୁ ମାତ୍ର ୨ଜଣ ଶିକ୍ଷକ ଶିକ୍ଷାଦାନ କରିବାକୁ ନିୟୋଜିତ ଅଛନ୍ତି। ଏହି ହାଇସ୍କୁଲ୍ ବ୍ୟତୀତ ବାଁଶଡା ପଞ୍ଚାୟତରେ ମାଧ୍ୟମିକ ଶିକ୍ଷା ପାଇଁ ବିକଳ୍ପ ବ୍ୟବସ୍ଥା କିଛି ନାହିଁ। ଏହି ସ୍କୁଲ୍‌ଗୁଡିକରେ ନୂତନ ଶିକ୍ଷକ/ଶିକ୍ଷୟିତ୍ରୀ ନିଯୁକ୍ତି ପାଇଁ ଶିକ୍ଷା ପରିଚାଳନା କମିଟି ଦାବି କରିଛି। ଏଥିପ୍ରତି ସରକାର ନଜର ନ ଦେଲେ ଏହି ହାଇସ୍କୁଲଗୁଡିକ ଦିନେ ମାଟିରେ ମିଶିଯିବ ବୋଲି ଅଭିଭାବକ ରାମଚନ୍ଦ୍ର ସ୍ୱାଇଁ କହିଛନ୍ତି।

ଭଦ୍ରକରେ ପ୍ରାଣୀ ସମ୍ପଦ ବିକାଶ କେନ୍ଦ୍ର ଉଦ୍‌ଘାଟିତ

ଭଦ୍ରକ,୧୫।୯/ଏନ୍ଏନ୍ଏସ୍: ଭଦ୍ରକ ଏକ ଉପକୂଳବର୍ତ୍ତୀ ଜିଲ୍ଲା, ଯେଉଁଠାରେ କୃଷି ସହିତ ପଶୁପାଳନ ଓ ମତ୍ସ୍ୟଚାଷ ହେଉଛି ଜୀବିକାନିର୍ବାହର ମୁଖ୍ୟ ବିକଳ୍ପ। ଆଦାନୀ ଧାମରା ପୋର୍ଟ ନିକଟବର୍ତ୍ତୀ ଗ୍ରାମପଞ୍ଚାୟତଗୁଡିକରେ ମଧ୍ୟ ସମାନ ଢଙ୍ଗରେ ଜୀବିକା ନିର୍ବାହ କରାଯାଉଛି। ଯଦିଓ ଏଠାରେ ବହୁ ସଂଖ୍ୟାରେ ପଶୁପାଳନ କରାଯାଉଛି, କିନ୍ତୁ ଉପଯୁକ୍ତ ପଶୁପାଳନରୁ ବଞ୍ଚିତ। ଏହି ପରିପ୍ରେକ୍ଷୀରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ବିଏଆଇଏଫ୍ ସହଯୋଗରେ ଏକ ସମନ୍ୱିତ ପଶୁପାଳନ ଯତ୍ନ ଏବଂ ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏଥିସହ ପ୍ରଜାତିର ବିକାଶ, ଗୋଖାଦ୍ୟ ନିମନ୍ତେ ସବୁଜ ଚାରା ରୋପଣ ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ୨୦୧୯ ଏପ୍ରିଲ ମାସରେ ଦୋସିଙ୍ଗା, କଇଥଖୋଲା ଓ କରଞ୍ଜମାଳ ଗ୍ରାମପଞ୍ଚାୟତରେ ସେବା ଯୋଗାଇଦେବା ପାଇଁ ଦୋସିଙ୍ଗା ଓ କରଞ୍ଜମାଳଠାରେ ୨ଟି ସମନ୍ୱିତ ପ୍ରାଣୀସମ୍ପଦ ବିକାଶ (ଆଇଏଲଡି) କେନ୍ଦ୍ର ଖୋଲାଯାଇଥିଲା। ଏଠାରେ ଗାଈ ଦୁଗ୍ଧ ଉତ୍ପାଦନ ବୃଦ୍ଧି ସହ ୨୧୮ ହାଇବ୍ରିଡ୍ ବାଛୁରୀ ଜନ୍ମ ହୋଇଛି। ଏହି ପ୍ରକଳ୍ପର ସାମଗ୍ରିକ ଉଦ୍ଦେଶ୍ୟ ହେଉଛି ସ୍ଥାୟୀ ଜୀବିକା ସୁଯୋଗ ଯୋଗାଇ ଗ୍ରାମୀଣ ପରିବାରର ଆର୍ଥିକ ସ୍ଥିତିକୁ ବୃଦ୍ଧି କରିବା। ଦ୍ୱିତୀୟ ପର୍ଯ୍ୟାୟରେ ସେପ୍ଟେମ୍ବର ୧୪ରେ କରଣପଲ୍ଲୀ ଗ୍ରାମପଞ୍ଚାୟତର ବିଜୟପାଟଣା ଗ୍ରାମରେ ଆଉ ଏକ ସମନ୍ୱିତ ପ୍ରାଣୀସମ୍ପଦ ବିକାଶ (ଆଇଏଲଡି) କେନ୍ଦ୍ର ଉଦ୍‌ଘାଟନ କରାଯାଇଛି। ଯାହା କରଣପଲ୍ଲୀ, ପଞ୍ଚୁଟିକ୍ରି ଏବଂ ବାଲିମୁଣ୍ଡା ଗ୍ରାମପଞ୍ଚାୟତକୁ ସେବା ଯୋଗାଇବ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କରଣପଲ୍ଲୀ ସରପଞ୍ଚ ବାବୁଲି ସେଠୀ, ବାଂଶଡା ଭିଏସ୍ ଡକ୍ଟର ରଶ୍ମିରେଖା ସେଠୀ, ବିଏଆଇଏଫ୍ ଡକ୍ଟର ସନ୍ତୋଷ କୁମାର ଓ ପଙ୍କଜ ସିଂ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଜାଗୁଲାଠାରେ ଆଉ ଏକ କେନ୍ଦ୍ର ଖୋଲିବାକୁ ଲକ୍ଷ୍ୟ ରଖାଯାଇଛି, ଯାହା ଜାଗୁଲା, ଧାମରା ଏବଂ ବାଂଶଡା ଗ୍ରାମପଞ୍ଚାୟତରେ କାର୍ଯ୍ୟ କରିବ ବୋଲି ଜଣାଯାଇଛି।

୧୬-୯-୨୦୨୦-ବୁଧବାର

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

ମେଷ ଆଜି ବ୍ୟବସାୟ ଚନ୍ଦ୍ରଙ୍କ ଯୋଗୁ ବହୁତ ଲାଭ ପାଇବେ। କମ ତତ୍ପରତା ପ୍ରକାଶ ପାଇବ। ମନ ପ୍ରସନ୍ନ ରହିବ। ସ୍ୱାସ୍ଥ୍ୟ ଅତୁଟ ରହିବ। ଦୟାଳୁ ସ୍ୱଭାବର ହେବେ। ଯଶସ୍ୱୀ ହେବେ। ପାରିବାରିକ ସ୍ଥିତି ଭଲ ରହିବ।

ବୃଷ ଚାକିରି କ୍ଷେତ୍ରରେ ସମସ୍ୟା ଦେଖାଦେବ। ଭାଗ୍ୟଶାଳୀ ହୋଇପାରନ୍ତି। ଦିନଟି ଭୋଗ ବିଳାସରେ ଅତିବାହିତ କରିପାରନ୍ତି। ସୁଖ ସମୃଦ୍ଧିପୂର୍ଣ୍ଣ ଜୀବନ ଯାପନ କରିବେ। ମହିଳାମାନେ ଅନ୍ୟଦ୍ୱାରା ସାହାଯ୍ୟ ପାଇବେ।

ମିଥୁନ ଅଭାବ ଅନଟନ ଦୂରେଇଯିବ। କାର୍ଯ୍ୟରେ ସାଫଲ୍ୟତା। ଈର୍ଷା ପରାୟଣ ହେବେ। ସ୍ୱାଭିମାନୀ ହେବେ। ଶାରୀରିକ ଦୁର୍ବଳତା ଅନୁଭବ କରିବେ। ଚନ୍ଦ୍ରଙ୍କ ଭୋଗ ହେତୁ ସତର୍କରେ ଚଳିବେ।

କର୍କଟ ବହୁ ମିତ୍ରମାନଙ୍କ ସାନ୍ନିଧ ମିଳିବ। ଶାନ୍ତି ଓ ଧୈର୍ଯ୍ୟବାନ୍ ହେବେ। ବ୍ୟବସାୟ ଲାଭଜନକ ହେବ। ସମାଜସେବାରେ ନିୟୋଜିତ ହେବେ। ମନରେ ଅହଂଭାବ ଜାଗ୍ରତ ହେବ। ପତ୍ନୀଙ୍କ କଥାରେ ପରିଚାଳିତ ହେବେ।

ସିଂହ ମୂଲ୍ୟବାନ୍ ଦ୍ରବ୍ୟ ହସ୍ତଗତ ହେବେ। ଭୋଗ ବିଳାସରେ ଦିନଟି ଅତିବାହିତ କରିପାରନ୍ତି। ଭାଇମାନଙ୍କ ପ୍ରତି ସ୍ନେହଭାବ ରହିବ। ଶରୀର ସୁସ୍ଥ ରହିବ। ବଳଶାଳୀ ହେବେ। ଶତ୍ରୁହନ୍ତା ହୋଇପାରନ୍ତି।

କନ୍ୟା ଗୃହକାର୍ଯ୍ୟରେ ମନୋନିବେଶ କରିପାରନ୍ତି। ଚଞ୍ଚଳ ପ୍ରକୃତିର ହେବେ। ହଠାତ୍ ଧନ ପ୍ରାପ୍ତି ହୋଇପାରେ। ବ୍ୟବସାୟରେ ପ୍ରଚୁର ଧନଲାଭ ହୋଇପାରେ। ପତ୍ନୀ ସୁନ୍ଦର ଓ ସ୍ୱାମୀ ସୋହାଗିନୀ ହେବେ।

ତୁଳା କର୍ମକ୍ଷେତ୍ରରେ ଅଶାନ୍ତି ଅନୁଭବ କରିପାରନ୍ତି। ଉଦାର ସ୍ୱଭାବର ହେବେ। ଦୀନ ଦରିଦ୍ରଙ୍କୁ ଦାନ ଦେଇ ଆତ୍ମତୃପ୍ତି ଲାଭ କରିବେ। ସ୍ୱାସ୍ଥ୍ୟ ଭଲ ରହିବ। କୃଷିକ୍ଷେତ୍ରକୁ ତ୍ୱରାନ୍ୱିତ କରିବେ। ଦଳ ପ୍ରତି ଆଦ ଓ ବୁଦ୍ଧିମାନ ହେବେ।

ବିଛା ନୂତନ ନିଯୁକ୍ତି ଓ କର୍ମଭାର ବହନ କରିବେ। କାର୍ଯ୍ୟର ସୁପରିଚାଳନା କରିପାରିବେ। ଚିତ୍ତ ପ୍ରସନ୍ନ ରହିବ। ଆସ୍ତିକ ସ୍ୱଭାବର ହେବେ। ମଧୁରଭାଷୀ ହୋଇପାରନ୍ତି। ଥଣ୍ଡା ଓ କଫରେ ଆକ୍ରାନ୍ତ ହେବେ।

ଧନୁ ଆୟ ଆଶାନୁରୂପ ହେବ। ଆଶାବାଦୀ ହେବେ। ସୌଭାଗ୍ୟଶାଳୀ ହେବେ। ଶୋଭନ ବ୍ୟକ୍ତିତ୍ୱର ହେବେ। ପରଦେଶବାସୀ, ମଧୁରଭାଷୀ, ସହନଶୀଳ ଓ ଶାନ୍ତିପ୍ରିୟ ହେବେ। ଶାସ୍ତ୍ରଜ୍ଞ ହେବେ।

ମକର ନୂତନ ଆୟର ମାର୍ଗ ଉନ୍ମୁକ୍ତ ହେବ। ଚନ୍ଦ୍ରଭୋଗ ହେତୁ ସୁସ୍ୱାଦୁ ଭୋଜନ ମିଳିବ। ବଳବାନ୍ ହେବେ। ଐଶ୍ୱର୍ଯ୍ୟଯୁକ୍ତ ହୋଇପାରନ୍ତି। ବ୍ୟବସାୟ ପାଇଁ ମନ ବଳିବ। ମାଲିମକଦ୍ଦମାରେ ବିଜୟୀ ହୋଇ ଧନଲାଭ କରିବେ।

କୁମ୍ଭ ଅଭାବ ପୂରଣ ହେବ। ନୈରାଶ୍ୟ ଭାବ ଦୂରେଇଯିବ। ଚଞ୍ଚଳ ସ୍ୱଭାବର ହେବେ। ଥଣ୍ଡା କଫରେ ଆକ୍ରାନ୍ତ ହେବେ। ଏକାନ୍ତପ୍ରିୟ ହୋଇପାରନ୍ତି। ଚକ୍ଷୁପୀଡ଼ା ଭୋଗିବେ। କଅଁଳ କଥାରେ କାର୍ଯ୍ୟ ହାସଲ କରିନେବେ।

ମୀନ ପ୍ରିୟଲୋକଙ୍କ ସମାଗମ ହୋଇପାରେ। ସୁଖ ସମ୍ମାନ ଲାଭ କରିବେ। ସ୍ୱାସ୍ଥ୍ୟ ଭଲ ରହିବ। ଯଶସ୍ୱୀ ହେବେ। ଲୋକପ୍ରିୟତା ଅର୍ଜନ କରିବେ। ଚଞ୍ଚଳ ପ୍ରକୃତିର ହେବେ। ସରକାରୀ ମାନ୍ୟତା ପାଇବେ। ପରୋପକାରୀ ହେବେ।

ସଡ଼କ ଦୁର୍ଘଟଣାରେ ସ୍ତ୍ରୀ ମୃତ, ସ୍ୱାମୀ ଓ ୫ବର୍ଷର ଝିଅ ଗୁରୁତର

ଜଳେଶ୍ୱର,୧୫।୯/ଏନ୍ଏନ୍ଏସ୍: ୬୦ନଂ ଜାତୀୟ ରାଜପଥର ଜଳେଶ୍ୱର ଟୋଲ ପ୍ଲାଜା ନିକଟସ୍ଥ ନାଙ୍ଗୁଡସାହି ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ସ୍ତ୍ରୀର ମୃତ୍ୟୁ ହୋଇଯାଥିବା ବେଳେ ସ୍ୱାମୀ ଓ ୫ବର୍ଷର ଝିଅ ଗୁରୁତର ହୋଇଛନ୍ତି। ଘଟଣାରୁ ଜଣାଯାଇଛି ଯେ ଜଳେଶ୍ୱର ବ୍ଲକ ଆରୁହା ଗ୍ରାମର ଅଶ୍ୱିନୀ ସାହୁ ଏକ ମୋଟରସାଇକେଲରେ ତାଙ୍କ ସ୍ତ୍ରୀ ଓ ୫ବର୍ଷର ଝିଅକୁ ନେଇ ନଛିମପୁର ଗ୍ରାମକୁ ୬୦ନଂ ଜାତୀୟ ରାଜପଥରେ ଯାଉଥିବାବେଳେ ପଛପଟରୁ ଆସୁଥିବା ଓଡି୦୫ ଏଭି୯୯୫୫ ନମ୍ବରର ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କାଦେବା ସଙ୍ଗେ ସଙ୍ଗେ ପ୍ରାୟ ୫୦ମିଟର ଦୂରକୁ ଟାଣି ନେଇଯାଇଥିଲା। ଫଳରେ ଅଶ୍ୱିନୀ ସାହୁ ଓ ତାଙ୍କ ୫ବର୍ଷର ଝିଅ ଗୁରୁତର ଆହତ ହୋଇଥିବାବେଳେ ତାଙ୍କ ସ୍ତ୍ରୀ ମମତା ସାହୁ(୩୫)ଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଲୋକମାନେ ଆହତମାନଙ୍କୁ ଉଦ୍ଧାର କରି ଜଳେଶ୍ୱର ଜିକେ ଭଟ୍ଟର ହସ୍‌ପିଟାଲକୁ ନେଇଥିଲେ। ମୃତ ମହିଳାଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ଯୋଗାଇ ଦେବା ସହିତ ରାସ୍ତାର ମରାମତି ଓ ୬୦ନଂ ଜାତୀୟ ରାଜପଥର ତ୍ରୁଟିପୂର୍ଣ୍ଣ ନିର୍ମାଣରେ ସୁଧାର ଆଣିବା ଦାବିରେ ମୃତ ମହିଳାଙ୍କ ମୃତଦେହକୁ ରାସ୍ତା ଉପରେ ରଖି ସ୍ଥାନୀୟ ଜନସାଧାରଣ ରାସ୍ତାରୋକ କରିଥିଲେ। ଖବର ପାଇ ଜଳେଶ୍ୱର ପୁଲିସ ସବ୍‌ଇନିସ୍‌ପେକ୍ଟର ନଗରଦୀପ ସେଠୀ ଓ ଜଳେଶ୍ୱର ସଦର ଆର୍‌ଆଇ ମାନସ ବେହେରା ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ।

ଝିଅକୁ ହତ୍ୟାକରି ଫାଶୀରେ ଝୁଲାଇବା ଅଭିଯୋଗରେ ସାବତ ମା' ଗିରଫ

ବାରିପଦା,ଖୁଣ୍ଟା,୧୫।୯/ଏନ୍ଏନ୍ଏସ୍: ପାରିବାରିକ କଳହକୁ କେନ୍ଦ୍ରକରି ଜଣେ ସାବତ ମା' ୧୧ବର୍ଷିୟା ନାବାଳିକା ଝିଅର ତଣ୍ଟିଚିପି ହତ୍ୟା କରିବା ପରେ ଫାଶୀରେ ଝୁଲାଇବା ଭଳି ଅଭାବନୀୟ ଓ ଦୁଃଖଦାୟକ ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅନ୍ତର୍ଗତ ବାରହାଗଡ଼ିଆ ଗ୍ରାମରେ। ଉକ୍ତ ଗ୍ରାମର କାହ୍ନୁ ଟୁଡୁଙ୍କ ପ୍ରଥମ ସ୍ତ୍ରୀ ମରିଯିବା ପରେ ସୁମିତ୍ରା ଟୁଡୁଙ୍କୁ ଦ୍ୱିତୀୟ ବିବାହ କରିଥିଲା। ତେବେ ପ୍ରଥମ ସ୍ତ୍ରୀଙ୍କ ନାବାଳିକା ଝିଅ ସହ ଦ୍ୱିତୀୟ ସ୍ତ୍ରୀ ସୁମିତ୍ରାଙ୍କ ଭଲ ସମ୍ପର୍କ ରହିନଥିଲା। ବିଭିନ୍ନ ସମୟରେ ଉଭୟଙ୍କ ମଧ୍ୟରେ ମନାନ୍ତର ହେଉଥିବା ବେଳେ ସୋମବାର ଘରେ କେହି ନଥିବାର ସୁଯୋଗ ନେଇ ଦ୍ୱିତୀୟ ସ୍ତ୍ରୀ ସୁମିତ୍ରା ଟୁଡୁ ନାବାଳିକା ଝିଅର ତଣ୍ଟି ଚିପି ହତ୍ୟା କରିଥିଲା। ଏହାପରେ ଏକ ଶାଢ଼ିରେ ତାର ବେକକୁ ବାନ୍ଧି ଘର ଭିତରେ ଝୁଲାଇ ଦେଇଥିଲା। ପରବର୍ତ୍ତୀ ସମୟରେ ଝିଅକୁ ଖୁଣ୍ଟା ଡାକ୍ତରଖାନାକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। କାହ୍ନୁ ଟୁଡୁ ଭୁବନେଶ୍ୱରରେ କାମ କରୁଥିବା ବେଳେ ଝିଅର ମୃତ୍ୟୁ ଖବର ଶୁଣି ଗ୍ରାମକୁ ଫେରିବା ପରେ ଦ୍ୱିତୀୟ ସ୍ତ୍ରୀ ସୁମିତ୍ରା ଝିଅକୁ ମାରି ଦେଇଥିବା ନେଇ ଖୁଣ୍ଟା ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ସ୍ୱର୍ଣ୍ଣଲତା ମିଞ୍ଜ ଅଭିଯୁକ୍ତ ସୁମିତ୍ରାକୁ ଥାନାକୁ ଆଣି ପଚରାଉଚରା କରିବା ପରେ ସେ ତଣ୍ଟି ଚିପି ହତ୍ୟା କରିଛି ବୋଲି ସ୍ୱୀକାର କରିଥିଲା। ପୁଲିସ ହତ୍ୟା ଅଭିଯୋଗରେ ସୁମିତ୍ରାକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

ମ୍ୟୁନିସିପାଲିଟିର ପ୍ରାକ୍ତନ ପାରିଷଦଙ୍କ ଦେହାନ୍ତ

ସୋର,୧୫।୯/ଏନ୍ଏନ୍ଏସ୍: ସୋର ପୌରପାଳିକା ଅନ୍ତର୍ଗତ ୧୭ନଂ ୱାର୍ଡ ଅଧୀନ ମଧୁସୂଦନପୁର ଗ୍ରାମର ପ୍ରାକ୍ତନ ପାରିଷଦ ପୁରୁଷୋତ୍ତମ ଲେଙ୍କାଙ୍କର ୭୯ବର୍ଷ ବୟସରେ ମୃତ୍ୟୁ ଘଟିଛି। ସ୍ୱର୍ଗତ ଲେଙ୍କା ଗତ କିଛିଦିନ ଧରି ଅଜଣା ଜ୍ୱରରେ ପୀଡ଼ିତ ଥିଲେ। ଗତକାଲି ବିଳମ୍ବିତ ରାତିରେ ସେ ଛାତିରେ ଅସହ୍ୟଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ସୋର ଡାକ୍ତରଖାନାକୁ ଅଣାଯିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁଃଖଦ ଖବର ପାଇ ସୋର ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷଦର୍ଶନ କରିଥିଲେ।

ଠକେଇ ମାମଲାରେ ଜଣେ ଗିରଫ

ଯୋଡ଼ା,୧୫।୯/ଏନ୍ଏନ୍ଏସ୍: ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ କଣ୍ଡରା ଅଞ୍ଚଳର ଏକ ଠକେଇ ମାମଲାରେ ପୁଲିସ ସିଭିଲ ମୁଣ୍ଡା ନାମକ ଜଣେ ବ୍ୟକ୍ତିକୁ ଗିରଫକରି କୋର୍ଟ ଚାଲାଣ କରିଛି। ପୁଲିସ ସୂଚନା ଅନୁଯାୟୀ ଉକ୍ତ କଣ୍ଡରା ଅଞ୍ଚଳର ପଦ୍ମିନୀ ମୁଣ୍ଡା ନାମକ ଜଣେ ମହିଳା କାନପୁର ବୃହତ୍ ଜଳସେଚନ ପ୍ରକଳ୍ପ ଜମିହରା ପ୍ରଜା ଭାବେ ପାଇଥିବା କ୍ଷତିପୂରଣ ପ୍ରାପ୍ୟକୁ ଏକ ଆଭିଭା ପଲିସିରେ ଜମା କରିଥିଲେ। ସେ ପଲିସି ଅନୁଯାୟୀ ପରବର୍ତ୍ତୀ କିସ୍ତି ଟଙ୍କା ପୈଠ କରିନପାରିବାରୁ ଆଭିଭା କମ୍ପାନୀ ତାଙ୍କ ଜମା ଅର୍ଥ ବାବଦକୁ ୩ଲକ୍ଷ ୭୪ ହଜାର ଟଙ୍କା ଚେକ୍ ମାଧ୍ୟମରେ ତାଙ୍କୁ ଫେରସ୍ତ ଦେଇଦେଇଥିଲା । ତେବେ ଏହି ଚେକ୍‌ଟି ଡାକରେ ଆସିଥିବା ବେଳେ କଣ୍ଡରା ଅଞ୍ଚଳର ଏକା ନାମଧାରୀ ଅନ୍ୟ ଜଣେ ପଦ୍ମିନୀ ମୁଣ୍ଡା ତାଙ୍କର ସ୍ୱାମୀ ସିଭିଲ ମୁଣ୍ଡାଙ୍କ ମାଧ୍ୟମରେ ଏହି ଚେକ୍‌ଟିକୁ ନିଜ ଖାତାରେ ଜମା କରି ଉକ୍ତ ଅର୍ଥକୁ ଖର୍ଚ୍ଚ କରିଦେଇଥିଲେ। ପରେ ଘଟଣା ଜଣାପଡିବା ପରେ ପଲିସିଧାରୀ ପଦ୍ମିନୀ ତାଙ୍କୁ ଟଙ୍କା ଫେରସ୍ତ ପାଇଁ ଅନୁରୋଧ କରିଥିଲେ। ହେଲେ ସିଭିଲ ମୁଣ୍ଡା ଟଙ୍କା ଫେରସ୍ତ ଦେଇନଥିଲେ। ୨୦୧୮ ମସିହାରେ ପଦ୍ମିନୀ ଯୋଡା ଥାନାରେ ଅଭିଯୋଗ କରିଥିଲେ । ସେବେଠାରୁ ସିଭିଲ ଫେରାର ଥିବା ବେଳେ ପୁଲିସ ମଙ୍ଗଳବାର ଗିରଫ କରିବା ପରେ କୋର୍ଟ ଚାଲାଣ କରିଥିବା ଫାଣ୍ଡି ଅଧିକାରୀ ସେକ୍ ଅଜାରୁଦ୍ଦୀନ ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଶା ସଂଘର ଦାବିପତ୍ର

ଓଡିଶା ରାଜ୍ୟ ଆଶା ସାଥୀ ସଂଘ
ODISHA RAJYA ASHA SATHI SANGHA
ସଲଗ୍ନ ଭାରତୀୟ ମଜଦୁର ସଂଘ
BMS

ଭଦ୍ରକ,୧୫।୯/ଏନ୍ଏନ୍ଏସ୍: ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡିଶା ରାଜ୍ୟ ଆଶା ସାଥୀ ସଂଘ ତରଫରୁ ଆଜି ଜିଲ୍ଲାପାଳଙ୍କ ଜରିଆରେ ୮ଦଫା ଦାବି ନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି। ଆଶା ସାଥୀମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ହଜାର ଟଙ୍କା ପାରିଶ୍ରମିକ, ଆଶା ସାଥୀମାନଙ୍କର ୟୁନିଫର୍ମ ଲାଗୁ କରାଯିବା, କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇଁ ଟ୍ରେନିଂ ପ୍ରଦାନ, ୧୩ବର୍ଷ ଧରି ଆଶା ଓ ଆଶାସାଥୀ ଭାବେ କାର୍ଯ୍ୟ କରିଆସୁଥିବାରୁ ସେମାନଙ୍କୁ ଇନସ୍ୟୁରାନ୍ସ ଏବଂ ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ କରାଯିବା, ପ୍ରଧାନମନ୍ତ୍ରୀ ଘୋଷଣା କରିଥିବା ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ଯୋଜନା କାର୍ଯ୍ୟକାରୀ କରିବା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଯୋଜନାକୁ ଓଡିଶାରେ ଲାଗୁ କରି ସେଥିରେ ଆଶାସାଥୀଙ୍କୁ ନିୟୋଜିତ କରିବା, ମହାମାରୀ କରୋନା ସମୟରେ କାର୍ଯ୍ୟକରୁଥିବା ଆଶାସାଥୀମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ଯୋଗାଇବା ଆଦି ଆବି ନେଇ ଆଶାସାଥୀମାନେ ଦାବିପତ୍ର ପ୍ରଦାନ କରିଛନ୍ତି। ଭାରତୀୟ ମଜଦୁର ସଂଘ ଭଦ୍ରକ ଜିଲ୍ଲା ସମ୍ପାଦକ ମୁକ୍ତିକାନ୍ତ ସାହୁ, ସଂଗଠନ ସମ୍ପାଦକ ପରେଶ ନାଥ ଧଳ, ଆଶାସାଥୀ ସଂଘର ଜିଲ୍ଲା ସମ୍ପାଦିକ ପୂର୍ଣ୍ଣିମା ସେଠୀ, ସଭାନେତ୍ରୀ ନିବେଦିତା ପୋଥାଳ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

ଗାଡ଼ି ଡିକିରୁ ଲୁଟିନେଲେ ୪ଲକ୍ଷ ୨୦ହଜାର

ବାରିପଦା,୧୫।୯/ଏନ୍ଏନ୍ଏସ୍: ବାରିପଦା ପୌରାଞ୍ଚଳର ଜଣେ ବ୍ୟକ୍ତିଙ୍କ ଗାଡ଼ି ଡିକିରୁ ଆଜି ଦିନବେଳେ ପ୍ରାୟ ୪ଲକ୍ଷ ୨୦ହଜାର ଟଙ୍କା ଲୁଟ୍ ହୋଇଥିବା ସୂଚନା ମିଳିଛି। କୃଷ୍ଣଚନ୍ଦ୍ର ଗୋଲେଇରେ ଥିବା ଏକ ଘରୋଇ ବ୍ୟାଙ୍କକୁ ଟଙ୍କା ନେଇ ଆସିଥିବା ତୁଳସୀଚଉରା ଅଞ୍ଚଳର ଜଣେ ବ୍ୟବସାୟୀଙ୍କ ଗାଡି ଡିକି ଭାଙ୍ଗି ମାତ୍ର କେଇ ମିନିଟ୍ ମଧ୍ୟରେ ଏଭଳି ମୋଟା ଅଙ୍କର ଲୁଟ୍ ହୋଇଥିବା ଜଣାପଡ଼ିଛି। ଗତ କିଛି ଦିନ ତଳେ ଭଞ୍ଜପୁର ଅଞ୍ଚଳରୁ ମଧ୍ୟ ଜଣଙ୍କ ଗାଡି ଡିକିରୁ ପ୍ରାୟ ୭୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍ ହୋଇଥିଲା। ଆଜିର ଲୁଟ୍ ମଧ୍ୟ ସମାନ ତରିକାରେ ହୋଇଥିବା ଜଣାପଡ଼ିଛି। ତେବେ ଏହି ଲୁଟ୍ ନେଇ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ଜଣାପଡ଼ିଛି। ବାରିପଦାରେ ଜଣାଶୁଣା ଆସ୍କାର ଡକାୟତ ଗ୍ୟାଙ୍ଗ ଏରାଗୋଲା ଗ୍ୟାଙ୍ଗ୍ ସକ୍ରିୟ ହୋଇଥିବା ଜଣାପଡ଼ିଛି।

କେନାଲ ରାସ୍ତା ଅବସ୍ଥା ଶୋଚନୀୟ

ବାରିକପୁର,୧୫।୯/ଏନ୍ଏନ୍ଏସ୍: ଭଣ୍ଡାରିପୋଖରୀ ବ୍ଲକ ୧୬ନଂ ଜାତୀତ ରାଜପଥ ବିଦ୍ୟୁତ କାର୍ଯ୍ୟାଳୟ ଦେଇ ଯାଇଥିବା ବଡକୋଳିପଦି ମାଇନର ରାସ୍ତାକୁ ଏଲ୍ଏନ୍‌ଟି କମ୍ପାନୀ ଜେସିବି ମେସିନ ଖୋଳି ପାଣି ପାଇପ ବିଛାଉଥିବାରୁ ସାଧାରଣରେ ଯାତାୟାତ କଷ୍ଟକର ହୋଇପଡିଛି। ଖରାଦିନରୁ ଉକ୍ତ ଅଞ୍ଚଳରେ ପାଇପ୍ ଗଦା ହୋଇ ପଡିଥିଲେ ସୁଦ୍ଧା ସଂସ୍ଥା କାମ ନକରି ବର୍ତ୍ତମାନ ବର୍ଷା ବେଳେ ପାଇପ ବିଛାଣ ଆରମ୍ଭ କରିଛି। ପାଇପ ବିଛାଣ ପାଇଁ ଚାଷଜମି ଉପଯୁକ୍ତ ସ୍ଥାନ ଥିଲେ ସୁଦ୍ଧା ତାହା ଏବେ ସମ୍ଭବ ହେଉନଥିବାରୁ ସଂସ୍ଥା କେନାଲ ବନ୍ଧକୁ ଖୋଳି ଅସମୟରେ ମନମୁଖୀ କାର୍ଯ୍ୟ ଚଳାଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏହା ଦ୍ୱାରା ରାସ୍ତା ସମ୍ପୂର୍ଣ୍ଣ ଖାଲଖମାରେ ପରିପୂର୍ଣ୍ଣ ହେଉଥିବାବେଳେ ଜେସିବି ମେସିନ ବାରମ୍ବାର ଚାଲୁଥିବାରୁ କେନାଲ ବନ୍ଧ ମଧ୍ୟ ଦବିଯାଉଛି। ଏହି ରାସ୍ତା ଦେଇ ରହଣିଆ, ମାଳଦା, କୁରିଗାଁ, ଷୋଳମପୁର, ନପଙ୍ଗ ପ୍ରମୁଖ ଆଠ ଗୋଟି ପଞ୍ଚାୟତର ଲୋକେ ଭଣ୍ଡାରିପୋଖରୀକୁ ଯାତାୟାତ କରିଥାଆନ୍ତି। ସଂପ୍ରତି ଜାତୀୟ ରାଜପଥର ପାଳଦା ବାଙ୍କ ଓ ବସ ଷ୍ଟାଣ୍ଡ ଠାରେ ଦୁଇଟି ଗଳାପୋଲ ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଗୋଟିଏ ପାର୍ଶ୍ୱରେ ସବୁ ଗାଡ଼ି ଯାତାୟାତ କରୁଛି। ଏପରିସ୍ଥଳେ କେନାଲ ବନ୍ଧକୁ ଯାତାୟାତ ପାଇଁ ଲୋକମାନେ ଏକ ସୁରକ୍ଷିତ ବାଟ ବାଛୁଥିଲେ ସୁଦ୍ଧା କମ୍ପାନୀର ପାଣି ପାଇପ କାର୍ଯ୍ୟ ଅସୁବିଧାରେ ପକାଇଛି। ତେଣୁ ଏହା ଆନ୍ଦୋଳନର ରୂପ ନେବା ପୂର୍ବରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।